## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀର ବାର୍ଷିକ ସାଧାରଣ ଅଧିବେଶନ

**ବ୍ରହ୍ମପୁର ଅଫିସ,୨୩।୧:** ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ବାର୍ଷିକ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମନ୍ମଥ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଂ. କିଶୋର ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ପ୍ରଫେସର ଡ.ରବିନାରାୟଣ ମିଶ୍ର, ଉପସଭାପତି ଡାକ୍ତର ବୃନ୍ଦାବନ ଚନ୍ଦ୍ର ପାଢ଼ୀ, ଯୁଗ୍ମ ସମ୍ପାଦକ ଡାକ୍ତର ନକୁଳ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ପାଦକ ଶ୍ରୀପଲ୍ଲବ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସମ୍ମିଳନୀ ଶାଖା ସ୍ମରଣିକା ଲୋକାର୍ପିତ ହୋଇଥିଲା । ସମ୍ମିଳନୀର ବରିଷ୍ଠ ସଦସ୍ୟ ତଥା ଗ୍ରନ୍ଥକାର ପ୍ରାଣୀ ଚିକିତ୍ସକ ଡା. ବୃନ୍ଦାବନ ଚନ୍ଦ୍ର ପାଢ଼ୀଙ୍କୁ ଡ଼.ବସନ୍ତ କୁମାର ପାଣିଗ୍ରାହୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାପରେ ସମ୍ମିଳନୀ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଡ.ସୁବ୍ରତ କୁମାର ସାହୁ ସଭାପତି, ଉପସଭାପତି ଡା. ନକୁଳ ସାହୁ, ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ଯୁଗ୍ମ ସମ୍ପାଦକ ଡାକ୍ତର ଚନ୍ଦ୍ରମଣି ସ୍ୱାଇଁ, କୋଷାଧକ୍ଷ ନରସିଂହ ପାଣିଗ୍ରାହୀ, ଜିଲା ପ୍ରତିନିଧି ରାସବିହାରୀ ଦାସ, ସମୀକ୍ଷକ ଭାବେ ଡ.ବନମାଳୀ ପାଣିଗ୍ରାହୀ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ଭାବେ ମନ୍ମଥ ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା । ସୀମାଞ୍ଚଳ ପ୍ରସାଦ ବିଷୋୟୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ଅଶୋକ କୁମାର ସାହୁ, ରାଜକିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ପାଦକ ଶ୍ରୀପଲ୍ଲବ ଧନ୍ୟବାଦ ଦେଇଥିଲେ ।

### ପତଞ୍ଜଳି ପକ୍ଷରୁ ଯୋଗାସନ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୩।୧:** ପତଞ୍ଜଳି ଭାରତ ସ୍ୱାଭିମାନ ଓ ଗଞ୍ଜାମ ଜିଲା ପତଞ୍ଜଳି ଯୁବ ଭାରତ ପକ୍ଷରୁ ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ସ୍ଥିତ ଭାରତ ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶିଶିର ଦାସ, ଡ଼. ଦେବରାଜ ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇଥିଲେ । ଭାରତ ବିକାଶ ପରିଷଦ ପ୍ରଫେସର ଡା. ଏନ୍. ସି. ପାଢ଼ୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପରିଷଦ ଅଧକ୍ଷ ରାମ ରାଓ, ସମ୍ପାଦକ ସୁଶାନ୍ତ ପାତ୍ର, ଡ଼. କିରଣ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ସହରାଜ୍ୟ ପ୍ରଭାରୀ ସୁବ୍ରତ ପୂଜାରୀ, ଯୁବ ଭାରତ ପ୍ରିନ୍ସ ସରୋଜ ପଣ୍ଡା, ସଚ୍ଚିନ ମହାରଣା, ଯୋଗୀ ନାୟକ, ଭଗବାନ ଦାଶ, କେ. ରବିବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରୋଟାରିଆନ ପିଏସ୍‌ଏନ୍ ସେନାପତି ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଗଞ୍ଜାମ ଜିଲା ଯୁବ ପ୍ରଭାରୀ ବରୁଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ । କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ୯ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ଲାଗି ଯୁବ ଭାରତ ପକ୍ଷରୁ ସୂଚନା ଦିଆଯାଇଛି ।

# ସ୍ତ୍ରୀ, ପ୍ରେମିକ ଜେଲ ଗଲେ

**ବ୍ରହ୍ମପୁର ଅଫିସ,୨୩।୧**

ସଦର ଥାନା ଅନ୍ତର୍ଗତ ସୁକୁଣ୍ଡାରେ ରହୁଥିବା ପ୍ରଫୁଲ୍ଲ ସାହୁଙ୍କୁ ତାଙ୍କ ସ୍ତ୍ରୀ ମିତା ଓ ପ୍ରେମିକ ସରୋଜ ମହାରଣା ଗତ ମଙ୍ଗଳବାର ରାତିରେ ଯୋଜନାବଦ୍ଧ ଭାବେ ହତ୍ୟା କରି ଅପମୃତ୍ୟୁର ରୂପ ଦେଇଥିଲେ। ଘଟଣାରେ ପୋଲିସ ଉଭୟ ହତ୍ୟାକାରୀଙ୍କୁ ବୁଧବାର ଗିରଫ କରିଥିଲା। ସେମାନେ ହେଲେ ମିତା କୁମାରୀ ସାହୁ (୨୫) ଓ ତାଙ୍କ ପ୍ରେମିକ ଭବାନୀପାଟଣାର ସରୋଜ ମହାରଣା (୨୯)। ଉଭୟ ଅଭିଯୁକ୍ତଙ୍କୁ ଜେରା ବେଳେ ସେମାନେ ପ୍ରଫୁଲ୍ଲଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ମାମଲା ନମ୍ବର ୧୯/୨୦ ରେ ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋସିନୀ ଓରାମ ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରଫୁଲ୍ଲଙ୍କୁ ହତ୍ୟା ବେଳେ ଉଭୟ ଅଭିଯୁକ୍ତ ଘଟଣା ପରେ ଲୁଚାଇ ରଖିଥିବା ରକ୍ତଭିଜା ଲୁଗାପଟା ଗୁରୁବାର ପୋଲିସ ଜବତ କରିଛି। ସେହି ରକ୍ତଭିଜା କପଡାଗୁଡ଼ିକୁ କ୍ଲିନିକାଲ ପରୀକ୍ଷା ପାଇଁ ଭୁବନେଶ୍ୱର ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍ ପଠାଯିବ ବୋଲି ପୋଲିସ କହିଛି।

ଘଟଣାରୁ ପ୍ରକାଶ, ପ୍ରଫୁଲ୍ଲ ଠିକାଦାର ଭାବେ କାମ କରୁଥିବା ବେଳେ ତାଙ୍କ ସ୍ତ୍ରୀ ମିତା ଲାଞ୍ଜିପଲ୍ଲୀସ୍ଥିତ ଏକ ସଂସ୍ଥାରେ କାମ କରୁଥିଲେ। ମିତା କୌଣସି କାମରେ ଭୁବନେଶ୍ୱର ବସ୍‌ରେ ଯାଉଥିବା ବେଳେ ସେଥିରେ କଣ୍ଡକ୍ଟର କାମ କରୁଥିବା ସରୋଜଙ୍କ ସହ ତାଙ୍କର ଦେଖା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସରୋଜ ସୁକୁଣ୍ଡା ଆସି ପ୍ରଫୁଲ୍ଲଙ୍କ ଘରେ ଅଧିକାଂଶ ଦିନ ରହୁଥିଲେ। ମିତା ତାଙ୍କ ସ୍ୱାମୀଙ୍କୁ ସରୋଜ ମୋର ଧରମଭାଇ ବୋଲି ପରିଚୟ ଦେଇଥିଲେ। ହେଲେ ପ୍ରଫୁଲ୍ଲଙ୍କ ଉପସ୍ଥିତିରେ ସରୋଜ ତାଙ୍କ ଘରେ ମିତାଙ୍କ ସହ ରହୁଥିବା ଯୋଗୁ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ମିତା ଓ ସରୋଜଙ୍କ ଏହି ସମ୍ପର୍କକୁ ସହଜରେ ପ୍ରଫୁଲ୍ଲ ଗ୍ରହଣ କରିପାରୁ ନ ଥିଲେ। ମଙ୍ଗଳବାର ଅପରାହ୍ନରେ ପ୍ରଫୁଲ୍ଲ ତାଙ୍କ ମା'ଙ୍କୁ ଚିକିଟିରେ ରହୁଥିବା ଭଉଣୀ ଘରେ ଛାଡ଼ି ବ୍ରହ୍ମପୁର ଫେରିଥିଲେ। ରାତି ପ୍ରାୟ ୯ଟା ବେଳେ ପ୍ରଫୁଲ୍ଲ ଘରକୁ ଫେରିବା ବେଳେ ଘର ଭିତରେ ସରୋଜ ଓ ମିତା ଥିବା ଦେଖି ସେ ଝଗଡା କରିଥିଲେ। ଏଥିରେ ମିତା ଉତ୍‌କ୍ଷିପ୍ତ ହୋଇ ସରୋଜଙ୍କ ସହାୟତାରେ ପ୍ରଫୁଲ୍ଲଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ତଳେ ପକାଇ ଦେଇଥିଲେ। ପରେ ଉଭୟ ମିଶି ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ।

ଘର ଭିତରେ ପ୍ରଚୁର ରକ୍ତ ପଡିଥିବା ଦେଖି ମିତା ଏକ ଚୁନି ସାହାଯ୍ୟରେ ତାକୁ ପୋଛିଥିଲେ। ପରେ ରକ୍ତ ଭିଜା ଚୁନି ଓ ଉଭୟଙ୍କ ରକ୍ତଭିଜା ପୋଷାକକୁ ଘର ପଛପଟେ ଲୁଚାଇ ରଖିଥିଲେ। ପ୍ରଫୁଲ୍ଲଙ୍କ ଦେହ ଖରାପ ଅଛି ବୋଲି ମିତା ତାଙ୍କ ଭାଇଙ୍କୁ ଡାକିଥିଲେ। ତାଙ୍କ ଭାଇ ଗାଡି ଧରି ପହଞ୍ଚିବା ପରେ ସେହି ଗାଡ଼ିରେ ପ୍ରଫୁଲ୍ଲଙ୍କୁ ମଝିରେ ବସାଇ ପଛରେ ସରୋଜ ବସି ତାଙ୍କୁ ଏମ୍‌କେସିଜି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମିତା ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀ ଘରେ ଖାଦ୍ୟ ଖାଇବା ପରେ ଗୁରୁତର ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମିତାଙ୍କ ଅଭିଯୋଗ କ୍ରମେ ପୋଲିସ ୪/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହେଲେ ପ୍ରଫୁଲ୍ଲ ଭାଇଙ୍କ ଅଭିଯୋଗ ଓ ଡାକ୍ତରଙ୍କ ରିପୋର୍ଟକୁ ଆଧାର କରି ୧୯/୨୦ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ପରେ ଉଭୟ ମିତା ଓ ତାଙ୍କ ପ୍ରେମିକ ସରୋଜଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ ଏହି କାଣ୍ଡ ଘଟାଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ବୋଲି ପୋଲିସ ସୂଚନା ଦେଇଛି।

## ପ୍ରଫୁଲ୍ଲ ହତ୍ୟା ମାମଲା


ଅଭିଯୁକ୍ତ ପ୍ରେମିକଙ୍କ ସହ ସ୍ତ୍ରୀ ମିତା।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୨୩।୧**

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପଖଣ୍ଡ ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣାଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଯୋଗଦେଇ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମହାରଣା ଦୀର୍ଘ ଦିନ ଧରି ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ନିକଟରେ ମହାରଣାଙ୍କର ରାୟଗଡା ଜିଲାକୁ ବଦଳି ହୋଇଛି । ଏହି ଅବସରରେ ତାଙ୍କୁ ବିଭିନ୍ନ ବିଭାଗ ଅଧିକାରୀମାନେ ଶୁଭେଚ୍ଛା ଜଣାଇବା ସହ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଡି. ମାଲେଶ୍ୱର ପାତ୍ର, ବିନୋଦ କୁମାର ବେହେରା, ବିବେକାନନ୍ଦ ଦଳେଇଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଧର୍ମନିରପେକ୍ଷତା, ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସପ୍ତାହ ପାଳିତ



ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୨୩।୧**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ଅଲ୍ ଇଣ୍ଡିଆ ଡିଏସ୍‌ଓ (ଡେମୋକ୍ରେଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ) ପକ୍ଷରୁ 'ଧର୍ମନିରପେକ୍ଷତା ଏବଂ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସପ୍ତାହ' ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରାମଲିଙ୍ଗମ୍ ମନ୍ଦିର ରୋଡରେ ଆୟୋଜିତ ହୋଇଯାଇଛି। ଅଲ୍ ଇଣ୍ଡିଆ ଡିଏସ୍‌ଓ ଗଞ୍ଜାମ ଜିଲା କମିଟି ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ବିଷ୍ଣୁ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅଲ୍‌ଇଣ୍ଡିଆ ଡିଏସ୍‌ଓର ରାଜ୍ୟ ଉପସଭାପତି ସୋମନାଥ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ନେତାଜୀଙ୍କ ଜୀବନ ଆଦର୍ଶ ଓ ସଂଗ୍ରାମୀ ଜୀବନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ବର୍ତ୍ତମାନର ଶାସକ ଗୋଷ୍ଠୀ ଅଗଣତାନ୍ତ୍ରିକ ତଥା ସାମ୍ପ୍ରଦାୟିକ ନୀତି ଦ୍ୱାରା ଦେଶର ଜନସାଧାରଣ ଯେପରି ବିଭ୍ରାନ୍ତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ । ପୂର୍ବରୁ ନେତାଜୀଙ୍କ ଜୀବନ ସଂଗ୍ରାମ ଉପରେ ଜିଲାସ୍ତରୀୟ ସାଧାରଣଜ୍ଞାନ, ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନ ସ୍ଥଳରେ ନେତାଜୀଙ୍କ ବିରଳ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଡି. ତିରୁପତି ଦୋରା, ନାରାୟଣ ସାହୁ, ପପୁନ ସାହୁ, ରଞ୍ଜନ ସେଠୀ, କିଷାନ ସାହୁ, କମରାଜ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଓ ଅଲିଭା ଦାଶଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ ।

## ଶିକ୍ଷକମାନେ ନିଷ୍ଠାର ସହ ପାଠ ପଢ଼ାଇବା ଆବଶ୍ୟକ

**ବ୍ରହ୍ମପୁର ଅଫିସ,୨୩।୧**

ବ୍ରହ୍ମପୁର ମହାନଗର ୩୭ନଂ. ୱାର୍ଡ ଅନ୍ତର୍ଗତ ଶିକ୍ଷାଞ୍ଚଳସ୍ଥ କୁମ୍ଭାରପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାମୂଳକ ସମାଜରେ ପ୍ରାଥମିକସ୍ତରରୁ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷାଲାଭ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଷ୍ଠାର ସହ ପାଠ ପଢ଼ାଇବା ଉପରେ ମହାରଣା ଗୁରୁତ୍ୱ ଦେଇଥିଲେ। ବିଏମ୍‌ସି ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ ସମ୍ମାନିତ ଅତିଥି ଥିଲେ। ବିଜେଡି ଜିଲା ସଂଗଠନ ଉପସଭାପତି ଉମା ଚରଣ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗରୁ ଆଲୋକପାତ କରିଥିଲେ।

ପୂର୍ବତନ ସିଆରସିସି ପ୍ରସନ୍ନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ ସିପିଏମ୍ ନେତା ବସନ୍ତ ନନ୍ଦ ଓ ବାବୁଲା ନାୟକ, ନିରଞ୍ଜନ ସାହୁ, ଲୋକନାଥ ସାହୁ , ଏଲ. ସୁଦାମ ଦାସ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାର୍ଥୀମାନଙ୍କୁ ନୈତିକ ଶିକ୍ଷାଦାନ କରାଯିବାକୁ ଗୁରୁତ୍ୱ ଦିଆଯାଇଥିଲା। ଆର.ରାଜେନ୍ଦ୍ରଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିନୀତା କୁମାରୀ ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ତନୁଜା କୁମାରୀ ପଟ୍ଟନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉନ୍ନୟନ କମିଟି ସଭାପତି ପି. ସନ୍ତୋଷ ରେଡ୍ଡୀ ଓ ଉପସଭାନେତ୍ରୀ ନମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ବେଇମାନ'ରେ ବନ୍ଧୁତ୍ୱର କାହାଣୀ

## ବାର୍ଷିକ ନାଟକ ଉତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୩।୧**

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାଟ୍ୟ ସଂସଦ ପକ୍ଷରୁ ବାର୍ଷିକ ନାଟକ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବକୁ ବୁଧବାର ସନ୍ଧ୍ୟାରେ ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଡିନ୍ ତଥା ଅଧକ୍ଷ ପ୍ରଫେସର ଡା. ରାଧାମାଧବ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଗୁରୁବାର ସନ୍ଧ୍ୟା ଉଦ୍‌ଯାପନୀ ଉତ୍ସବରେ ଭେଷଜ ବିଭାଗ ପ୍ରଫେସର ଡା. ଉମାଶଙ୍କର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଦୁଇଦିନ ଧରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ଓ ଟୁଟୁ ପାଢୀଙ୍କ ନିର୍ଦ୍ଦେଶିତ ନାଟକ 'ବେଇମାନ' ମଞ୍ଚସ୍ଥ ହୋଇଥିଲା। ଦୁଇ ବନ୍ଧୁଙ୍କ ବନ୍ଧୁତା ଓ ତ୍ୟାଗକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା। ଉଦ୍‌ଯାପନୀ ଦିବସ ଅବସରରେ ନାଟକ ପ୍ରତି ଅବଦାନ ପାଇଁ ମହାବିଦ୍ୟାଳୟର ପୂର୍ବତନ ନାଟ୍ୟ ସଂସଦ କର୍ମକର୍ତ୍ତା ଓ ନାଟକରେ ଅଭିନୀତ ବରିଷ୍ଠ ୨୦ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନାଟ୍ୟ ସଂସଦ ସମ୍ପାଦକ ଜ୍ୟୋତିପ୍ରକାଶ ବୈରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନାଟ୍ୟ ସଂସଦ ସହ ସମ୍ପାଦକ ଶ୍ରଦ୍ଧାଶ୍ରୀ ନିଶଙ୍କଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।


ନାଟକ ବେଇମାନର ଦୃଶ୍ୟ ।

# ରେଡ୍‌କ୍ରସ ବଧିର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବ୍ରହ୍ମପୁର ଅଫିସ,୨୩।୧**

ବ୍ରହ୍ମପୁର ଆମ୍ବପୁଆସ୍ଥିତ ହେଲେନ କେଲର ରେଡ୍‌କ୍ରସ ବଧିର ବିଦ୍ୟାଳୟରେ ଗୁରୁବାର ୨ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଶଙ୍କର୍ଷଣ ପାତ୍ର ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ଧ୍ୟାନ ଦେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଜିଲା ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା, ପୂର୍ବତନ ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ସିଆରସିସି ଲୋକନାଥ ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ସାଗର ରଞ୍ଜନ ତ୍ରିପାଠୀ ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ପ୍ରଶଂସା କରିଥିଲେ। 'ସମର୍ଥ' ମାଗାଜିନ ଉନ୍ମୋଚିତ ହୋଇଥିଲା । ବିଜ୍ଞାନମେଳା ପ୍ରଦର୍ଶନୀ, ହସ୍ତଶିଳ୍ପ ପ୍ରଦର୍ଶନୀ ପ୍ରଥମ ପର୍ଯ୍ୟାୟରେ କରାଯାଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା । ଉପସ୍ଥିତ ଅତିଥି, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନୃତ୍ୟ, ସଙ୍ଗୀତକୁ ପ୍ରଶଂସା କରିଥିଲେ । ଅଧକ୍ଷ ଶଙ୍କର୍ଷଣ ପାତ୍ର ସଭାରେ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସଂଗଠନ ପକ୍ଷରୁ ନେତାଜୀ ଜୟନ୍ତୀ

**ବ୍ରହ୍ମପୁର ଅଫିସ,୨୩।୧**

ନେତାଜୀ ଜୟନ୍ତୀ ଅବସରରେ ଗୁରୁବାର ସ୍ଥାନୀୟ ପିଭିଏନ୍ ରାଓ ଛକ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ୍(ଡିଏସ୍‌ଓ) ରାଜ୍ୟ ଉପ-ସଭାପତି ସୋମନାଥ ବେହେରା ନେତାଜୀ କିପରି ଦେଶ ପାଇଁ ସଂଗ୍ରାମ କରିଥିଲେ ଓ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହା ସହ ସଂଗଠନ ଗଞ୍ଜାମ ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସହ ଜନ ଜାଗରଣ ମଞ୍ଚ, ଶୌଣ୍ଡିକ ସମାଜ, ଗଞ୍ଜାମ ଯୋଗ ସଂଗଠନ, ଫୋରମ୍ ଫର ଗଞ୍ଜାମ, ଇନ୍‌ର ହ୍ୱିଲ କ୍ଲବ ଅଫ ବ୍ରହ୍ମପୁର ସମେତ ବିଭିନ୍ନ ସଂଗଠନର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହା ସହିତ କୋର୍ଟପେଟାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ତଥା ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ହୋଇଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ କେ.ସୁଜତା କୁମାରୀ ସୁବୁଦ୍ଧି ସଭପତିତ୍ୱ କରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଫାଇଲେରିଆ ନିରାକରଣ ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରମୋଦ ପଣ୍ଡା, ରାଧାନାଥ ପାଢ଼ୀ ଓ ସବିତା ପଣ୍ଡାଙ୍କ ସହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।



ନେତାଜୀ ଜୟନ୍ତୀ ଉପଲକ୍ଷେ ପ୍ରଭାତଫେରି କରାଯାଉଛି ।

# ମଣ୍ଡଳ କାରାଗାରରେ ମେଡିକାଲ କୋଠା ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ,୨୩।୧**

## ଜେଲ୍ ଡିଜିଙ୍କ ବ୍ରହ୍ମପୁର ଗସ୍ତ

### ସୁରକ୍ଷା ବ୍ୟବସ୍ଥା ହେବ କଡ଼ାକଡ଼ି


ଜେଲ ଡିଜିଙ୍କ ମଣ୍ଡଳ କାରାଗାର ପରିଦର୍ଶନ ।

ଜେଲ ବିଭାଗ ଡ଼ିଜି ସନ୍ତୋଷ କୁମାର ଉପାଧ୍ୟାୟ ଗୁରୁବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ସେ ମଣ୍ଡଳ କାରାଗାର ଭିତରେ ରହୁଥିବା କଏଦୀମାନଙ୍କୁ ଭେଟିଥିଲେ। ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ସେଠାରେ ନୂତନ ଭାବେ ୧ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ମେଡିକାଲ କୋଠାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଖବରଦାତାଙ୍କୁ କହିଥିଲେ, ୧୮୬୩ରେ ନିର୍ମିତ ଏହି କାରାଗାର ଦକ୍ଷିଣ ଓଡ଼ିଶାର ଏକ ପୁରାତନ ଜେଲ୍ । ଉଦ୍‌ଘାଟିତ ହୋଇଥିବା ମେଡିକାଲ ୩୦ ଶଯ୍ୟା ବିଶିଷ୍ଟ। ଏଥିରେ ୩ ୱାର୍ଡ ରହିଛି। ପ୍ରତ୍ୟେକ ୱାର୍ଡ ୧୦ ଶଯ୍ୟା ବିଶିଷ୍ଟ। ଗୋଟିଏ ୱାର୍ଡ ପୁରୁଷ କଏଦୀଙ୍କ ପାଇଁ ରହିଥିବା ବେଳେ ଅନ୍ୟଟି ମହିଳା କଏଦୀ ଓ ଆଉଗୋଟିଏ (ସାଇକ୍ରାଟିକ)ମାନସିକ ରୋଗ ଭୋଗୁଥିବା କଏଦୀଙ୍କ ଚିକିତ୍ସା ପାଇଁ ରହିଛି। ମେଡିକାଲ ପାଇଁ ୨ ଡାକ୍ତର ପଦବୀ ମଞ୍ଜୁର ହୋଇଛି। ହେଲେ ଜଣେ ବି ଡାକ୍ତର ଏଠାରେ ନ ଥିବା ବେଳେ ସିଡ଼ିଏମ୍‌ଓ ଅଫିସରୁ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ଏଠାରେ ନିୟୋଜିତ କରାଯାଇଛି। ସେହିପରି ମେଡିକାଲରେ ଡାକ୍ତରୀ ପଦବୀ ପୂରଣ ପାଇଁ ସରକାରଙ୍କ ନିକଟକୁ ଚିଠି ଲେଖାଯାଇଛି ବୋଲି ଡିଜି ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏହି କାରାଗାରରେ ଦୋଷୀ ସାବ୍ୟସ୍ତ ହୋଇ ରହୁଥିବା କଏଦୀମାନେ ସେମାନଙ୍କ ଜୀବିକା ନିର୍ବାହ ପାଇଁ ବିଭିନ୍ନ ପ୍ରକାର କାମ କରି ତାଙ୍କ ପାରିତୋଷିକ ପାଇଥାନ୍ତି, ଯାହାକି ସେମାନେ ପରିବାର ପାଖକୁ ପଠାଇଥାନ୍ତି। କଏଦୀମାନେ ଉତ୍ତମ ଧରଣର ବାଲ୍ଟି, ଟ୍ରଙ୍କ, ଦରି ଓ ଗାମୁଛା ଇତ୍ୟାଦି ସେଠାରେ ତିଆରି କରିପାରୁଛନ୍ତି। ସେହିପରି ଜେଲ ବାହାରେ ୧ କୋଟି ୦୩ ଲକ୍ଷ ଟଙ୍କା ବ୍ୟୟରେ ୨ଗୋଟି କୁଟୀରଶିଳ୍ପ ସେମାନଙ୍କ ପାଇଁ ନିର୍ମାଣ କରାଯାଉଛି। ଗୋଟିଏ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ଓ ଅନ୍ୟଟି ଫ୍ଲାଏଆଶ ଇଟା ନିର୍ମାଣ ୟୁନିଟ ବୋଲି ସେ କହିଛନ୍ତି। ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟରେ ଅଟା, ସୁଜି ଓ ବେଶନ ଇତ୍ୟାଦି ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଜେଲରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ଜେଲ ପରିସରରେ ଅପରାଧୀଙ୍କ କାର୍ଯ୍ୟକଳାପ ଓ ମୋବାଇଲ ଫୋନ ବ୍ୟବହାର ଉପରେ ନଜର ଦେବା ପାଇଁ ଜାମର ଲାଗିଛି। ଏବେ ଏହି ଜାମରଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ତାହାକୁ ନୂତନ ପଦ୍ଧତିରେ ଅପ୍‌ଗ୍ରେଡ କରାଯିବ ବୋଲି ସେ କହିଛନ୍ତି। ସେହିପରି ଜେଲ ଭିତର ଶୌଚାଳୟଗୁଡ଼ିକୁ ଭାଙ୍ଗି ସେଠାରେ ଉନ୍ନତମାନର ଶୌଚାଳୟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଜେଲ ଡିଜି ଉପାଧ୍ୟାୟଙ୍କ ପରିଦର୍ଶନ ବେଳେ ମଣ୍ଡଳ କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଆଶିଷ ସିହ୍ନା, କାରପାଳ ଶଶୀକାନ୍ତ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହତ୍ୟା ଧମକ ମାମଲା, ଅଭିଯୁକ୍ତ ଗଲେ ଜେଲ

ପାଟପୁର,୨୩ା୧-ପାଟପୁର ଥାନା ପଟିଗୁଡା ଗ୍ରାମର ପୁରୁଷୋତ୍ତମ ଗୌଡ଼ଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ବୁଧବାର ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ପୁରୁଷୋତ୍ତମଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୧/୨୦ ଅନୁଯାୟୀ ମାମଲା ରୁଜୁ କରି ପଟିଗୁଡା ଗ୍ରାମର ଲକ୍ଷ୍ମୀ ଗୌଡ଼ଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ୯ ଟାରେ ପୁରୁଷୋତ୍ତମ ପୋଡ଼ମାରି ଛକ ନିକଟରେ ଥିବା ସମୟରେ ଲକ୍ଷ୍ମୀ ସେଠାକୁ ଆସି ପୁରୁଷୋତ୍ତମଙ୍କୁ ଗାଳିଗୁଲଜ କରିବା ସହ ମାରିବା ପାଇଁ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି।

### କୌତୁକ ପୋଷାକ ପ୍ରତିଯୋଗିତା

ଫୁଲବାଣୀ ଅଫିସ, ୨୩ା୧- କନ୍ଧମାଳ ମହୋତ୍ସବ ଲାଗି ଗାନ୍ଧୀ ସ୍ମୃତି ଭବନ ପରିସରରେ ଶିଶୁମାନଙ୍କ ପାଇଁ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬ରୁ ୧୨ ବର୍ଷର ୪୦ରୁ ଊର୍ଦ୍ଧ୍ୱ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କ୍ଷୀରାବ୍ଧି ତନୟା ଦାସ ପ୍ରଥମ, ଦ୍ୱିତୀମୟୀ ଖାଡଙ୍ଗା ଦ୍ୱିତୀୟ ଏବଂ ସୃଷ୍ଟି ସମୀକ୍ଷା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜିଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର ଯୋଜନା ଅଧିକାରୀ ଏସ୍. ଗାୟତ୍ରୀ, ଓଡିଆ ଅଧାପିକା ଜ୍ୟୋତିର୍ମୟୀ କହଁର, ଜଳନ୍ଧର ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ମହୋତ୍ସବରେ ପୁରସ୍କୃତ କରାଯିବ ।

### ମଦ ଜବତ, ୨ ଗିରଫ

ଫିରିଙ୍ଗିଆ, ୨୩ା୧- ଗୋଚ୍ଛାପଡା ଥାନା ପୋଲିସ ଗୁରୁବାର ବାଲନ୍ଦାପଡା ପଞ୍ଚାୟତରେ ଚଢ଼ାଉ କରି ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବାଲନ୍ଦାପଡା ଅଞ୍ଚଳର ରଞ୍ଜିତ ପ୍ରଧାନ ଓ ସତ୍ୟନାରାୟଣ ସାହୁ । ରଞ୍ଜିତଙ୍କଠାରୁ ୨୨ ଲିଟର ବିଦେଶୀ ମଦ ଏବଂ ସତ୍ୟନାରାୟଣଙ୍କଠାରୁ ୨୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏ ନେଇ ପୃଥକ ୨ ମାମଲା (ନଂ.୬ ଓ ୭/୨୦) ମାମଲା ରୁଜୁ ହୋଇଛି ।

### ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଟପୁର,୨୩ା୧-ସାନଖେମୁଣ୍ଡି ବ୍ଲକ ଚୂଡ଼ଙ୍ଗପୁର ଗ୍ରାମର ସାନଖେମୁଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ୩୯ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସଂଯୁକ୍ତା ପଟ୍ଟନାୟକ, ପାଣୁ ଚରଣ ସାହୁ, ଚୂଡ଼ଙ୍ଗପୁର ସରପଞ୍ଚ ରଞ୍ଜିତା ମହାରଣା ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

### ମୋହନାରେ ୧୮,୬୨୪ ଶିଶୁ ଖାଇଲେ ପୋଲିଓ

ମୋହନା,୨୩ା୧(ଡି.ଏନ୍.ଏ.)- ଗଜପତି ଜିଲା ମୋହନା ବ୍ଲକ ଅଧିନ ୩୯ ଗ୍ରାମ ପଞ୍ଚାୟତରେ ୧୯ରୁ ଚାଲିଥିବା ପଲ୍ସ ପୋଲିଓ ଅଭିଯାନ ଶେଷ ହୋଇଛି। ଜନ୍ମରୁ ୫ ବର୍ଷ ଶିଶୁମାନଙ୍କୁ ଏହି ଯୋଜନାରେ ସାମିଲ କରି ଉକ୍ତ ବ୍ଲକର ମୋଟ ୧୯ ହଜାର ୨ ଶହ ଶିଶୁଙ୍କ ମଧ୍ୟରୁ ୧୮ ହଜାର ୬୨୪ ଶିଶୁଙ୍କୁ ପଲ୍ସ ପୋଲିଓ ବୁନ୍ଦା ଦିଆଯାଇଥିବା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ନମିତା ପଣ୍ଡା ସୂଚନା ଦେଇଛନ୍ତି। ଏହି ବ୍ଲକର ଦୁର୍ଗମ ଅଞ୍ଚଳ ଗଗଡମା, କଟମା, ଡେଙ୍ଗାସଖାଳ, ବିରିକୋଟ, ପାଣିଗଣ୍ଡା, ଗୁଲୁବା, ମାଣ୍ଡିମରା, ରାଇପଙ୍କ, ଚୁଡଙ୍ଗପୁର, ଜିରାଙ୍ଗ, ମୋହନା, ଲୁହାଗୁଡି, ମେରାପଲ୍ଲୀ, ଖଣ୍ଡି, ପିଣ୍ଡିକି, କରଚବାଡି ଭଳି ପାହାଡିଆ ଅଞ୍ଚଳରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀମାନେ ଯାଇ ଶିଶୁଙ୍କୁ ପୋଲିଓ ଖୁଆଇ ଥିଲେ।

# ୨ ବର୍ଷ ପରେ ବି ମିଳିଲାନି ପାରିଶ୍ରମିକ



ବିଡିଓଙ୍କୁ ଭେଟିବାକୁ ଆସିଥିବା ଶ୍ରମିକ ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ନିରାଶ

**ଫିରିଙ୍ଗିଆ, ୨୩ା୧**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରି ଦୁଇ ବର୍ଷ ହେଲା ଶ୍ରମିକମାନେ ପାରିଶ୍ରମିକ ପାଇ ନାହାନ୍ତି। ସେମାନେ ଏ ନେଇ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କୁ ଭେଟିଛନ୍ତି। ତୁରନ୍ତ ପାରିଶ୍ରମିକ ଦେବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରେ ନୂଆପଦର ପଞ୍ଚାୟତ ରବିଙ୍ଗିଆ ଗାଁ ପାଖ ଆଲମପଡ଼ାଠାରୁ ଗେରୁସାହି ଗାଁ ପର୍ଯ୍ୟନ୍ତ ପ୍ରାୟ ଏକ କି.ମି. ଯାଏ ରାସ୍ତା ମାଟି କାମ ୯ ଲକ୍ଷ ୮୦ ହଜାର ଟଙ୍କାରେ ହୋଇଥିଲା । ପ୍ରାୟ ୫୦ରୁ ୬୦ ଶ୍ରମିକ ଏଥିରେ କାମ କରିଥିଲେ । ହେଲେ ଏ ଯାଏ ସେମାନଙ୍କୁ ଟଙ୍କା ମିଳିନାହିଁ । ଦୁଃଖର ବିଷୟ ଯେ, ମାଟି କାମ କଲା ବେଳେ ଗୋଡ଼ରେ କଣ୍ଟା ଲାଗିଯିବାରୁ ରବିଙ୍ଗିଆ ଗାଁର ଟଙ୍କଧର କହଁର ଆହତ ହୋଇଥିଲେ। ଅର୍ଥ ଅଭାବରୁ ନିଜ ଚିକିତ୍ସା ଠିକ୍ ଭାବେ କରାଇ ନ ପାରିବାରୁ ବର୍ତ୍ତମାନ ସେ ଗୋଡ଼ ହରାଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ଏ ଯାଏ ପାରିଶ୍ରମିକ ପାଇ ନ ଥିବା କୋହଭରା କଣ୍ଠରେ ଟଙ୍କଧର ପ୍ରକାଶ କରଛନ୍ତି । କେବଳ ଟଙ୍କଧର ନୁହଁନ୍ତି ଗାଁର କାମ କରିଥିବା ଶ୍ରମିକମାନେ କୁଲି ମଜୁରି କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ବିଭାଗୀୟ ଅବହେଳା ପାଇଁ କାମ କରିବାର ଦୀର୍ଘ ଦୁଇବର୍ଷ ପରେ ମଧ୍ୟ ଟଙ୍କା ମିଳି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ କୁଇ ସମାଜ ଅଣ୍ଟା ଭିଡିଛି । ଗ୍ରାମ ରୋଜଗାର ସେବକ ସଞ୍ଜୟ କୁମାର ଦେହୁରୀ କହିଛନ୍ତି, ଶ୍ରମିକମାନେ କାମ କରିଛନ୍ତି। ତେବେ କ'ଣ ପାଇଁ ସେମାନେ ପାରିଶ୍ରମିକ ପାଇନାହାନ୍ତି ତଦନ୍ତ ହେଲେ ଜଣାପଡିବ । ବିଡିଓ ମହନ୍ତଙ୍କୁ ପଚାରିବାରୁ ଶ୍ରମିକ ମାନେ ନିଶ୍ଚିତ ଭାବରେ ତାଙ୍କର ପାରିଶ୍ରମିକ ପାଇବେ ବୋଲି ପ୍ରକାଶ କରିଛନ୍ତି।

## ଏଟିଏମ୍ ଲୁଟେରା କୋର୍ଟ ଚାଲାଣ

**ପାତ୍ରପୁର,୨୩ା୧(ଡି.ଏନ୍.ଏ.)**

ଜରଡା ପୋଲିସ୍ ଜଣେ ଏଟିଏମ୍ ଲୁଟେରାକୁ ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚମାଖଣ୍ଡି ଥାନା ସୀତାରାମପୁର ଗ୍ରାମର ଡି. ହରିହର ରେଡ୍ଡୀ(୫୦)। ତଦନ୍ତ ବେଳେ ଜଣାପଡିଛି ଯେ ଲୁଟେରା ଜଣକ ଆନ୍ଧ୍ର ଓ ଓଡିଶାର ବିଭିନ୍ନ ଥାନା ଇଲାକାରୁ ୧୮ଟି ମାମଲାରେ ଜେଲ୍ ଯାଇଥିବାବେଳେ ପ୍ରାୟ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ଏଟିଏମ୍‌ରୁ ଠକେଇ କରିଛନ୍ତି। ପୋଲିସ୍ ୩୬ ହଜାର ଟଙ୍କା, ଗୋଟିଏ ନୂଆ ବାଇକ୍, ୧୬ଟି ଏଟିଏମ୍ କାର୍ଡ ସହ ଗୋଟିଏ ମୋବାଇଲ୍ ଫୋନ ଜବତ କରିଛି। ଅଭିଯୁକ୍ତ ଆନ୍ଧ୍ରପ୍ରଦେଶ ଓ ଓଡିଶାର ୧୫ଟି ଥାନା ଇଲାକାରୁ ଏଟିଏମ୍ ବଦଳାଇ ଟଙ୍କା ଲୁଟ୍ କରିଥିବା ସୂଚନା ମିଳିଛି। ଗତ ବର୍ଷେ ହେଲା ଗଞ୍ଜାମ ଜିଲାର ଜରଡା, ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି, ପାଟପୁର ଥାନା ଇଲାକାରେ ଥିବା ଏଟିଏମ୍ କାଉଣ୍ଟରରୁ ଏଟିଏମ୍ ବଦଳାଇ ଲୁଟି ଚାଲିଥିଲେ। ଜରଡା ପୋଲିସ୍ ଗିରଫ କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ରିମାଣ୍ଡରେ ଆଣି ଅଧିକ ଜେରା କରାଯିବ ବୋଲି ଜରଡା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

## ନଡ଼ିଆ ଗଛରୁ ପଡ଼ି ଜଣେ ମୃତ

**ଆସିକା,୨୩ା୧(ଡି.ଏନ୍.ଏ.)**

ଗାଙ୍ଗପୁର ଥାନା କେଶପୁର ଶାସନ ଗ୍ରାମରେ ଗୁରୁବାର ନଡିଆ ଗଛକୁ ଚଢିଥିବା ଜଣେ ବ୍ୟକ୍ତି ଖସିପଡିବାରୁ ମୃତ୍ୟୁ ଘଟିଛି । ମୃତକ ଜଣକ ଗାଙ୍ଗପୁର ଥାନା ଲଣ୍ଡାଜୁଆଳି ଗ୍ରାମରେ ସୁଦୁର ନାୟକ। ସୁଦୁରୁ ତାଙ୍କର ଅନ୍ୟ ଦୁଇ ସହଯୋଗୀଙ୍କ ସହ କେଶପୁର ଶାସନ ଗ୍ରାମକୁ ନଡିଆ ତୋଳିବାକୁ ଯାଇଥିଲେ। ଗଛରେ ଚଢି ନଡିଆ ତୋଳୁଥିଲାବେଳେ ସେ ଖସିପଡିଥିଲେ। ମୁମୂର୍ଷୁ ଅବସ୍ଥାରେ ପରିବାର ପକ୍ଷରୁ ତାଙ୍କୁ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ସ୍ତ୍ରୀ ଗାଙ୍ଗପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ.୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଧିରେଶ୍ କୁମାର ଦାସ ସୂଚନା ଦେଇଛନ୍ତି।

## ନିମ୍ନମାନର କାମ, ଗାଁରେ ପଶିଲା କେନାଲ ପାଣି



ଶୁଣ୍ଡିସାହିରେ ପଶିଥିବା କେନାଲ ପାଣି।

**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା, ୨୩ା୧**

ଚାଷ କାର୍ଯ୍ୟ ପାଇଁ ପିଲାସାଲୁଙ୍କି ଡ୍ୟାମରୁ ଛଡ଼ାଯାଇଥିବା ପାଣି ଦ୍ୱାରା ଖଜୁରିପଡ଼ା ବ୍ଲକର ଦୂତୀପଡ଼ା ଶୁଣ୍ଡିସାହି ବର୍ତ୍ତମାନ ଜଳବନ୍ଦୀ ଘେରରେ ରହିଛି। ଚାଷକାର୍ଯ୍ୟ ପାଇଁ ପିଲାସାଲୁଙ୍କି ଡ୍ୟାମରୁ ଜମିକୁ ପାଣି ଛଡ଼ାଯାଉଛି। କିନ୍ତୁ ଅଧିକ ପାଣି ଛାଡାଯିବାରୁ କେନାଲର କେତେକ ସ୍ଥାନରେ ଥିବା ଗର୍ତ୍ତଗୁଡ଼ିକରେ ପାଣି ପଶି ତାହା ଶୁଣ୍ଡିସାହିର ୨୦ ପରିବାରକୁ ଜଳବନ୍ଦୀ କରିଛି।

ପ୍ରକାଶ ଯେ, ଉକ୍ତ ସ୍ଥାନର ଆଉଟଲେଟ୍ ଗେଟ୍ ଠିକରେ କାମ କରୁନି। ଯାହାଦ୍ୱାରା ଶାଖା କେନାଲରେ ପାଣି ଚାଷ ଜମିକୁ ଯିବା କଥା। ନିମ୍ନମାନର କାମ ହୋଇଥିବା ଯୋଗୁ ଶାଖା କେନାଲଗୁଡ଼ିକ ଭାଙ୍ଗି ଛୋଟ ଛୋଟ ଫାଙ୍କା ସୃଷ୍ଟି ହୋଇଛି। ଏହି ଫାଙ୍କରେ ପାଣି ପଶି ଶୁଣ୍ଡିସାହିରେ ପଶୁଛି। ଯାହାଦ୍ୱାରା ଲୋକମାନେ ରୋଗଗ୍ରସ୍ତ ହେବା ସହିତ ବାରି କିଆରିରେ ସରୀସୃପ ଦେଖିବାକୁ ମିଳୁଛି ଏବଂ ପାଣି ଜମିବାରୁ ଘର ସନ୍ତସନ୍ତିଆ ହୋଇ ଅଧିକ ଶୀତ ହେଉଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଡ୍ୟାମର କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ଦାସଙ୍କୁ ପଚାରିବାରୁ ଶାଖା କେନାଲ ମରାମତି ପାଇଁ ଆମେ ପାଣି ପଞ୍ଚାୟତକୁ ଜଣାଇଛୁ। ସେଠୁ କାମ ଆସିଲେ ଶାଖା କେନାଲ ମରାମତି କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଏହି କେନାଲ କାମକୁ ଶୀଘ୍ର କରାଗଲେ ପାଣି ଘରେ ପଶିବନି ବୋଲି ବୁଦ୍ଧିଜୀବୀ ମହଲରୁ ମତବ୍ୟକ୍ତ ହେଉଛି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଶାଖା କେନାଲ ଗୁଡ଼ିକ ଓ କେନାଲ ମରାମତି କରିବା ପାଇଁ ଗ୍ରାମବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

## କରଚବାଡ଼ି ଗ୍ରାମ ଯୁବକ ସଂଘ ବୈଠକ

**ମୋହନା,୨୩ା୧(ଡି.ଏନ୍.ଏ.)**

ମୋହନା ବ୍ଲକ କରଚବାଡି ଗ୍ରାମପଞ୍ଚାୟତ ବ୍ରାହ୍ମଣୀ ଦେବୀ ଠାକୁରାଣୀ ଜଳପ୍ରପାତ ଠାରେ ମା' ବ୍ରାହ୍ମଣୀ ଦେବୀ ଯୁବକ ସଂଘ ଓ ଗ୍ରାମବାସୀମାନଙ୍କୁ ନେଇ ଗ୍ରାମ୍ୟ ପରିମଳ ତଥା ସାମାଜିକ ଉନ୍ନତିର ବୈଠକ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କରଚବାଡି ମା' ବ୍ରାହ୍ମଣୀ ଦେବୀ ଯୁବକ ସଂଘର ସଭାପତି ମୋହନ ଗୌଡ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ପଞ୍ଚାନନ ଦାଶ, ୱାର୍ଡମେମ୍ବର ସୁବାସ ଗୌଡ, ସୁଶାନ୍ତ ବେହର୍ଦ୍ଦଲାଇ, ମୋହନ ବେହର୍ଦ୍ଦଲାଇ, ନରେନ୍ଦ୍ର ପାଇକ, ବିକ୍ରମ ଗୌଡ, ପିଣ୍ଟୁ ଗୌଡ, ସୀମାଞ୍ଚଳ ପାତ୍ର, ତାରଣ ପାଇକ, ରାମ ମଳିକ, ଶିବ ମଳିକ, ସଞ୍ଜୟ ଗୌଡ, ଲଳିତ ବେହରର୍ଦ୍ଦଲାଇ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ନେବା ସହିତ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗ ପାଇଁ ଆହ୍ୱାନ କରିଥିଲେ। ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ନଦୀତୁଠ ରାସ୍ତାର ନିର୍ମାଣ ସହିତ ପ୍ରତି ସାହିକୁ ସିମେଣ୍ଟ ରାସ୍ତା ପାଇଁ ଦାବି ଉପସ୍ଥାପନ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଞ୍ଚାୟତ ଅଧିକାରୀଙ୍କ ଦ୍ୱାରା ଅବଗତ ପାଇଁ ଦରଖାସ୍ତ ଲେଖି ଦାବି ଜଣାଇଥିଲେ।

## ଜବରଦଖଲ ହାଟ ଜମି ମାପଚୁପ ଆରମ୍ଭ

**ଫୁଲବାଣୀ ଅଫିସ, ୨୩ା୧**

ଫୁଲବାଣୀ ହାଟପଦାସ୍ଥିତ ହାଟ ଜମି ଜବରଦଖଲରେ ଥିଲା। ଜବରଦଖଲ ଉଚ୍ଛେଦ ପାଇଁ ବହୁଦିନରୁ ଦାବି ହୋଇ ଆସୁଥିବା ବେଳେ ହାଟ ଜମିର ମାପଚୁପ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି । ତେବେ ପ୍ରାୟ ୩୩ ଜଣ ବ୍ୟକ୍ତି ଏହି ସ୍ଥାନକୁ ନିଜ ଅକ୍ତିଆରରେ ରଖିଥିବା ଜଣାପଡ଼ିଛି। କେବେ ଏହା ଉଚ୍ଛେଦ ହେବ ତାହା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ । ସେପଟେ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବାକୁ କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଦାବି କରିଛନ୍ତି।

ଫୁଲବାଣୀ ସହର ମଧ୍ୟରେ ରହିଛି ହାଟପଦା ଅଞ୍ଚଳ । ଆଦିବାସୀ ତଥା ଚାଷୀଙ୍କ ଉତ୍ପାଦିତ ପନିପରିବା ବିକ୍ରି ପାଇଁ ଏହି ଅଞ୍ଚଳରେ ପ୍ରାୟ ୨ ଏକର ଜମିରେ ଏକ ହାଟ ହୋଇଥିଲା । କ୍ରମେ ଏହାକୁ ଲୋକେ ଜବରଦଖଲ କରିବା ଆରମ୍ଭ କଲେ । ଏହାକୁ ଉଚ୍ଛେଦ କରିବା ପାଇଁ ବହୁ ଦିନ ହେବ ଦାବି ହୋଇ ଆସୁଥିଲା । ପୂର୍ବରୁ ହାଟପଦାର ଗୋଟିଏ ଅଂଶ ମାପଚୁପ ହୋଇଥିଲା । ସେତବେଳେ ୦.୧୭୯ ଏକର ଜମିକୁ ୩୫ ଜଣ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ଗୁରୁବାର ହାଟର ୧.୦୪ ଏକର ଜମି ମାପଚୁପ ହୋଇ ଚିହ୍ନଟ କରାଯାଇଛି । ଅତିରିକ୍ତ ତହସିଲଦାର ବିରଞ୍ଚି କହଁର, ସୁପରଭାଇଜର ଆଶିଷ କୁମାର ନାୟକ, କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର, ପାଣ ସମାଜର ବକ ଦିଗାଲ ଏବଂ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଏହି ମାପଚୁପ କରାଯାଇଥିଲା । ଫୁଲବାଣୀ ରାଜସ୍ୱ ନିରୀକ୍ଷକ ସୁବାଶିଷ ପ୍ରଧାନ, ତୁଡିପାଜୁ ରାଜସ୍ୱ ନିରୀକ୍ଷକ ବିମଳ ବେବର୍ତ୍ତା, ଫିରିଙ୍ଗିଆ ଅମିନ କମଳାକାନ୍ତ ପ୍ରଧାନ ପ୍ରମୁଖ ନକ୍ସା ଧରି ମାପଚୁପ କରିଥିଲେ । ନିୟମ ଅନୁସାରେ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯିବ । ଏହାପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ ବୋଲି ତହସିଲଦାର ଦୀନମଣି ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ହାଟ ବହୁ ପୁରୁଣା । ପ୍ରତିଦିନ ଏଠାରେ ହାଟ ବସିଥାଏ । ବୁଧବାର ସପ୍ତାହିକ ହାଟ ପଡେ । ଫୁଲବାଣୀ ସମେତ ଫିରିଙ୍ଗିଆ, ଖଜୁରିପଡା, ଟିକାବାଲି, ଚକାପାଦ ଏପରିକି ବୌଦ୍ଧ ଜିଲାରୁ ଚାଷୀ, ବ୍ୟବସାୟୀ ଏଠାକୁ ପନି ପରିବା ବିକ୍ରି କରିବାକୁ ଆସିଥାନ୍ତି। ପୂର୍ବରୁ ହାଟ ୨ ଏକର ପରିମିତ ସ୍ଥାନରେ ଥିଲା । ବନ୍ଦୋବସ୍ତ ସମୟରେ ଏହାର ପରିସୀମା ୧.୨୫ ଏକର ହୋଇଥିଲା । ଏବେ ମାତ୍ର ୦.୫ ଏକର ସ୍ଥାନ ହାଟର ରହିଛି । ବହୁ ଜବରଦଖଲକାରୀ ହାଟ ଜମିରେ ବଡ ବିଲଡିଂ ନିର୍ମାଣ କରିଛନ୍ତି।



ମାପଚୁପ ପାଇଁ ନକ୍ସା ପ୍ରସ୍ତୁତ କରାଯାଉଛି ।

## ଅଟୋ-କାର୍ ଧକ୍କା: ଜଣେ ମୃତ, ୪ ଆହତ

**କୁକୁଡାଖଣ୍ଡି,୨୩ା୧(ଡି.ଏନ.ଏ.)**

ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତା ଆମ୍ବଗଡ ନିକଟରେ ବୁଧବାର ମଧ୍ୟରାତିରେ ଏକ ଅଟୋ ଓ କାର ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଟୋ ଡ୍ରାଇଭର ଗୌତମୀ ଗ୍ରାମର କାମନା ସ୍ୱାଇଁ(୪୦)। ଗୌତମୀର ଗୋଟିଏ ପରିବାରର ଲଡୁ କିଶୋର ମହାରଣା (୫୮), ପଦ୍ମାବତୀ (୪୭), ଶର୍ମିଷ୍ଠା (୩୮), ଚିନ୍ମୟୀ (୯) ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଆହତମାନେ ଅଟୋରେ ଲାଠିରୁ ଏକ ଭୋଜି ସାରି ଗ୍ରାମକୁ ଫେରୁଥିଲେ। ଏହି ସମୟରେ ବିଶ୍ୱଜିତ ପାଣିଗ୍ରାହୀ ନିଜ କାରରେ ମାଲକାନଗିରିରୁ ବ୍ରହ୍ମପୁର ଫେରୁଥିବା ବେଳେ ଆମ୍ବଗଡ ନିକଟରେ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ଅଟୋଟି ଓଲଟି ପଡିଥିଲା। ଏ ନେଇ ପୋଲିସ ନଂ. ୨୦/୨୦ରେ ଏକ ମାମଲା ରୁଜୁ କରି କାର ଚାଳକଙ୍କୁ କୋର୍ଟ ଚାଲାଣ କରିଥିବା ସଦର ଥାନାରୁ ସୂଚନା ମିଳିଛି।

## କାରାଗାର ଡିଜିଙ୍କ ଛତ୍ରପୁର ଜେଲ ପରିଦର୍ଶନ

**ଛତ୍ରପୁର,୨୩ା୧(ଡି.ଏନ.ଏ.)**

ରାଜ୍ୟ କାରାଗାର ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଗୁରୁବାର ଅପରାହ୍ନରେ ଛତ୍ରପୁର ସବ୍‌ଜେଲ ପରିଦର୍ଶନ କରିଛନ୍ତି। ଉକ୍ତ ଜେଲ୍‌ର ପ୍ରତି ୱାର୍ଡ ସହ କର୍ମଚାରୀଙ୍କ କ୍ୱାର୍ଟର, ପାଚେରି ଆଦି ପରିଦର୍ଶନ କରିଥିଲେ ଡିଜି। ପରିଦର୍ଶନ ବେଳେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ବ୍ରହ୍ମପୁର ଜେଲ ଡିଆଇଜି ରଘୁନାଥ ମାଝି, ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭସ୍ମିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ୬ ତାରିଖ ସନ୍ଧ୍ୟାରେ ଛତ୍ରପୁର ସବ୍‌ଜେଲ ପାଚେରି ଡେଇଁ ବଳାତ୍କାର ଅଭିଯୁକ୍ତ ତଥା ପୁରୁଷୋତ୍ତମପୁର ଥାନା ସୁନାଥର ଗାଁର କବିରାଜ ବେହେରା ଚମ୍ପଟ ମାରିଥିଲେ। ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ୭ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ୨୪ ଘଣ୍ଟା ପରେ ଚମ୍ପଟ ମାରିଥିବା ଅଭିଯୁକ୍ତ ଧରାପଡିଥିଲେ । କର୍ତ୍ତବ୍ୟରେ ଅବହେଳା ଯୋଗୁ ମୁଖ୍ୟ ଜେଲ୍ ୱାର୍ଡର ଚିତ୍ତରଞ୍ଜନ ନାୟକଙ୍କୁ ବ୍ରହ୍ମପୁର ଜେଲ ଡିଆଇଜି ରଘୁନାଥ ମାଝି ନିଲମ୍ବିତ କରିଥିଲେ ।

## ଜୁଆଆଡ୍ଡାରୁ ୧୮ ଗିରଫ

**କନିଷ୍ଠ(ଡି.ଏନ୍.ଏ.)**

**ଗୋପାଳପୁର,୨୩ା୧**

ଗୋଳନ୍ଥରା ଥାନା ଦୁବପୁଲି ଗ୍ରାମ ନିକଟସ୍ଥ ପାହାଡ଼ରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ୧୮ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୭,୨୦୦ ଟଙ୍କା, ୮ ବାଇକ୍ ଓ ତାସ ମୁଠା ଜବତ ହୋଇଛି। ଏନେଇ ନଂ. ୩୨/୨୦ରେ ପୋଲିସ ମାମଲା ରୁଜୁ କରିଛି। ଶୁକ୍ରବାର ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ବାବୁଲି ନାୟକ କହିଛନ୍ତି।

## ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

### ଘରପଟ୍ଟା ପାଇଁ ଅଞ୍ଚଳବାସୀଙ୍କ ବୈଠକ

**ଗଞ୍ଜାମ,୨୩ା୧(ଡି.ଏନ.ଏ.)**

ସହରବାସୀଙ୍କୁ ସ୍ଥାୟୀ ଘରପଟ୍ଟା ପ୍ରଦାନରେ ବିଳମ୍ବ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୩ରେ ଏନ୍‌ଏସି ସମ୍ମୁଖରେ ଧାରଣା ଦିଆଯିବ ବୋଲି ଜିଲାପାଳ ଓ ଥାନାଧିକାରୀଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ତହସିଲଦାର ଗତ ୨୧ରେ ଅଞ୍ଚଳବାସୀଙ୍କୁ ଡାକି ଫେବୃୟାରୀ ପ୍ରଥମ ସପ୍ତାହ ୨୦୦ ପଟ୍ଟା ଏବଂ ଅବଶିଷ୍ଟ ମାର୍ଚ୍ଚ ୩୧ ସୁଦ୍ଧା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଗଞ୍ଜାମସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ଗୁରୁବାର ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସହରବାସୀ ବୈଠକରେ ଉପସ୍ଥିତ ରହି ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଧାରଣାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ବାବୁଲି ପଣ୍ଡା, ବୃନ୍ଦାବନ ପଲାଇ, ଦେବେନ୍ଦ୍ର ପଣ୍ଡା, ଯୁଧିଷ୍ଠିର ରେଡ୍ଡୀ, ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ସମସ୍ତ ୱାର୍ଡବାସୀଙ୍କୁ ଜଣାଇ ଦିଆଯିବ ବୋଲି ବିଜେଡି ନେତା ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପ୍ରଥମ ରାଜସ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବୁଗୁଡ଼ା ଚାମ୍ପିୟନ

**ଭଞ୍ଜନଗର,୨୩ା୧(ଡି.ଏନ୍.ଏ.)**

ପ୍ରଥମ ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଗୁରୁବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବୁଗୁଡା ଭଞ୍ଜନଗରକୁ ୧ ରନ୍‌ରେ ପରାସ୍ତ କରି ପ୍ରଥମ ରାଜସ୍ୱ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି। ବୁଗୁଡା ଟିମର ନିହାର ରଞ୍ଜନ ମହାରଣା ଶ୍ରେଷ୍ଠ ଖେଳାଳୀ, ବୁଗୁଡାର କବିରାଜ ନାଇକ ଶ୍ରେଷ୍ଠ ଉଇକେଟ କିପର, ଭଞ୍ଜନଗର ଅବିନାଶ ବେହେରା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ବୁଗୁଡାର ଲିଙ୍ଗରାଜ ସାହୁଙ୍କୁ ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ବୁଗୁଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ଭଞ୍ଜନଗର ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୯୪ ରନ୍ ସଂଗ୍ରହ କରିଥିଲା। ଫଳରେ ୧ ରନରେ ଜିତିଥିଲା ବୁଗୁଡା। ରବି ରାଉତରାୟ, ଶ୍ରୀଧର ପ୍ରଧାନ ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ ସ୍କୋରର ଦାୟିତ୍ୱରେ କାଳୁ ଚରଣ ନାୟକ ଥିଲେ। ଶେରଗଡ ତହସିଲଦାର ଦୟାସିନ୍ଧୁ ପରିଡା (ସିଙ୍ଘମ) ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଆର୍‌ଟିଓ ଶୁଭେନ୍ଦୁ ରାୟ, ଥାନା ଅଧିକାରୀ ସୁଦୀପ୍ତ ସାହୁ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ ଯେ, ଭଞ୍ଜନଗର ଉପଖଣ୍ଡ ୮ଟି ତହସିଲର ୮ଟି ଟିମ୍ ଏବଂ ଉପ ଜିଲାପାଳଙ୍କ ଏକ ଟିମ୍‌କୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ଟିକେଟ ବାବଦରୁ ଆଦାୟ ଟଙ୍କାକୁ ଜିଲା ରେଡକ୍ରସ ଫଣ୍ଡକୁ ପ୍ରଦାନ କରାଯାଇଛି। ଖେଳ ପରିଚାଳନାରେ ଭଞ୍ଜନଗର ତହସିଲଦାର ଆଲୋକ କୁମାର ପ୍ରଧାନ, ସେକ୍ସନ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ବୁଗୁଡା ଟିମ୍ ଅତିଥିଙ୍କ ଗହଣରେ।

